# Akashvani, Sambalpur

## SAMBALPURI NEWS EVENING BULLETIN

## 14 May 2024- 7.02 pm- 7.12 pm.

*********************************************

୧- ରାଏଜେ ୪ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ଆଏଜ୍ ହେଇଛେ ଶେଷ୍ ।

୨- ବିଜେପିର୍ ବରିଷ୍ଠ ନେତା ଆର୍ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ କଟକ୍ ନ କର୍‌ବେ ରୋଡ୍ ଶୋ ।

୩- ବେସର୍‌କାରୀ ସ୍କୁଲ୍ ମାନ୍‌କେ ମାହାଲିଆ ପାଠ୍‌ପଢ଼୍‌ବାର୍ ଲାଗି ଲଟ୍‌ରୀ ଜରିଏ ବଛାହେଲେ ୧ ହଜାର୍ ୫ ଶହ ୮୯ ଝନ୍ ଛାତ୍ରଛାତ୍ରୀ ।

ଆଉର୍

୪- ଏନ୍‌ଟିଏ ତର୍‌ଫୁ କମନ୍ ୟୁନିଭର୍‌ସିଟି ପ୍ରବେଶିକା ପରୀକ୍ଷା ଆଏବା କାଏଲ୍‌ଠାନୁ ହେବା ମୁଲ୍ ।

ଲୋକସଭା ନିର୍ବାଚନ୍ - ଶେଷ୍ ଖେପ୍ ଏନ୍‌ଏସ୍‌ଡି

ରାଏଜେ ୪ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ଆଏଜ୍ ଶେଷ୍ ହେଇଛେ । ଇ ଖେପେ

ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଆର୍ ଜଗତସିଂପୁର ସଂସଦୀୟ କ୍ଷେତ୍ର ଆଉ ଇତାର୍ ଅଧୀନଥି ଥିବା ୪୧ଟା ବିଧାନସଭା ଆସନ୍ ଲାଗି ଆଏବା ଜୁନ୍ ୧ ତାରିଖ୍ ଭୋଟ୍ ହେବା । ଆଏବା କାଏଲ୍ ନାମାଂକନ୍ ପତ୍ର ଯାଁଚ୍‌ର ଶେଷ୍ ଦିନ୍ ଥିବାର୍ ବେଲେ ୧୭ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍‌ଦିନ୍ ଆଏ ।

ସେନ୍ତା ଦେଶେ ଲୋକସଭା ନିର୍ବାଚନ୍‌ର ସାତ୍ ନମ୍ବର୍ ଆଉ ଶେଷ୍ ଖେପର୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରବାର୍ ଆଏଜ୍ ଶେଷ୍ ହେଇଛେ । ଇ ଖେପେ ୭ଟା ରାଜ୍ୟ ଆର୍ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୭ଟା ଲୋକସଭା ଆସନ୍ ଲାଗି ଆଏବା ଜୁନ୍ ମାସର୍ ୧ ତାରିଖ୍ ଭୋଟ୍ ହେବା । ଇଥି ଉତର ପ୍ରଦେଶ ଆଉ ପଂଜାବ୍‌ର ୧୩ଟା, ପଶ୍ଚିମବଙ୍ଗର ୯ ଟା, ବିହାର୍‌ର ୮ଟା, ଓଡ଼ିଶାର୍ ୬ଟା, ହିମାଚଲ ପ୍ରଦେଶ୍‌ର ୪ଟା, ଝାରଖଣ୍ଡ୍‌ର ୩ଟା ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ଚଣ୍ଡିଗଡ୍‌ର ଗୁଟେ ଆସନ୍ ଲାଗି ଭୋଟ୍ ହେବା । ଆଏବା କାଏଲ୍ ନାମାଙ୍କନ୍ ପତ୍ର ଯାଁଚ୍ ହେବା । ସେନ୍ତା ଆଏବା ଶୁକ୍ରବାର ୧୭ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଆଏ ।

ଇଭିଏମ୍- ଷ୍ଟ୍ରଙ୍ଗ୍‌ରୁମ୍ ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ପହେଲା ଖେପେ କଲାହାଣ୍ଡି, କୋରାପୁଟ୍, ନବରଙ୍ଗ୍‌ପୁର୍ ଆର୍ ବ୍ରହ୍ମପୁର୍ ସଂସଦୀୟ କ୍ଷେତ୍ର ସହେତେ ଇତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ମତଦାନ୍ ଶାନ୍ତିଶୃଙ୍ଖଳାଥି ସରିଛେ । ମତଦାନ୍ ଉତ୍‌ରୁ ଇଭିଏମ୍‌ମାନ୍‌କୁ ଭିନ୍ ଭିନ୍ ଷ୍ଟ୍ରଙ୍ଗ୍‌ରୁମ୍ ନ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ରଖାଯାଇଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ଷ୍ଟ୍ରଙ୍ଗ୍‌ରୁମ୍‌ମାନ୍‌କେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଆର୍ ରାଜ୍ୟ ପୁଲିସ୍ ବାହନୀକେ ନେଇକରି ୨ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଇତାର୍‌ସହେତେ ସବୁ ଷ୍ଟ୍ରଙ୍ଗ୍‌ରୁମ୍ ନ ସିସିଟିଭି ମନିଟରିଂ ଭିଲ୍ ଜାରି ରହିଛେ । ନିର୍ବାଚନ୍‌ଥି ପ୍ରତିଦ୍ୱନ୍ଦିତା କରିଥିବା ପ୍ରାର୍ଥୀମାନ୍‌କର୍ ପ୍ରତିନିଧିମାନେ ଭୋଟ୍ ଗନ୍‌ତି ତକ୍ ଇନ ଉପସ୍ଥିତ୍ ରହେବାର୍ ଲାଗି ପ୍ରଶାସନ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ କହିଛନ୍ ।

ଅମିତ୍ ଶାହା          ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ବିଜେପି ନେତା ଆଉ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ କଟକ୍ ଗସ୍ତଥି ଆସ୍‌ବେ । କଟକ୍ ଲୋକ୍‌ସଭା ଆଉ ବିଧାନ୍‌ସଭାର ଦଲୀୟ ପ୍ରାର୍ଥୀ ମାନ୍‌କର୍

ଲାଗି ଶ୍ରୀ ଶାହା ନିର୍ବାଚନ୍ ପ୍ରଚାର୍ କର୍‌ବେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଶ୍ରୀ ଶାହା ବକ୍ସିବଜାର୍ ସମାଜ୍ କାର୍ଯ୍ୟାଲୟ ସାମ୍ନାନୁ ଉପର୍‌ବେଲା ୪ ବଜେ ରୋଡ଼୍ ସୋଥି ବାହାର୍‌ବେ । ଇ ରୋଡ଼୍ ସୋ ତିନ୍‌କୋଣିଆ ବଗିଚା, ଦର୍‌ଘା ବଜାର୍, ଚୌଧୁରୀ ବଜାର୍ ଆର୍ ବାଲୁବଜାର୍ ହେଇକରି ଚାନ୍ଦିନୀଚୌକ୍‌ତକ୍ ଯିବା । ଶ୍ରୀ ଶାହାଙ୍କର୍ ଗସ୍ତ କାର୍ଯ୍ୟକ୍ରମ୍‌କେ ନଜର୍‌ଥି ରଖିକରି ରୋଡ଼୍‌ଶୋ ଯିବାର୍‌କେ ଥିବାର୍ ରାସ୍ତାଥି କଡ଼ାକଡ଼ି ଯାଂଚ୍ ଚାଲିଛେ । ଓଡ଼ିଶା ପୁଲିସ୍, ସିଆର୍‌ପିଏଫ୍ ଆର୍ କେନ୍ଦ୍ରୀୟ ବାହିନୀଙ୍କର୍ ତର୍‌ଫୁ ଇ ଜାଗା ନ ମକ୍‌ଡ୍ରିଲ୍ ଭିଲ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ରୋଡ଼୍ ଶୋ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜୁ ଜନତା ଦଲର୍ ବରିଷ୍ଠ ନେତା ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏବା ୧୬ ତାରିଖ୍ ଗୁରୁବାର୍ ଦିନ ଭୁବ୍‌ନେଶ୍ୱର୍ ନ ଗୁଟେ ରୋଡ଼୍ ସୋ କର୍‌ବେ । ଗଙ୍ଗନଗର୍ ଛକ୍‌ନୁ ବାହାରିକରି ଇ ରୋଡ଼୍ ସୋ ଜୀବନ୍ ବୀମା କାର୍ଯ୍ୟାଲୟ, ଗୋପବନ୍ଧୁ ଛକ, ଡିଏଭି ଛକ, ନିକୋପାର୍କ ଦେଇକରି ରୂପାଲି ଛକ୍‌ତକ୍ କରାଯିବା । ମୁଖ୍ୟମନ୍ତ୍ରୀଙ୍କର୍ ରୋଡ଼୍ ସୋ ବେଲେ ବରିଷ୍ଠ ପୁଲିସ୍ ଅଧିକାରୀ ଆର୍ ସୁରକ୍ଷା କର୍ମୀମାନ୍‌କୁ ନିୟୋଜିତ କର୍‌ବାର୍ ସହେତେ

ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ ବଲି ଭୁବ୍‌ନେଶ୍ୱର୍ ଡିସିପି ପ୍ରତୀକ୍ ସିଂ ସୂଚ୍‌ନା ଦେଇଛନ୍ ।

ଶିକ୍ଷା ଅଧିକାର୍ ଆଇନ୍- ବେସର୍‌କାରୀ ବିଦ୍ୟାଲୟ

ସୂଚନା ଲୋକସମ୍ପର୍କ ବିଭାଗ୍

ଶିକ୍ଷା ଅଧିକାର୍ ଆଇନ୍ ଅନ୍‌ସାରେ ଆର୍ଥିକ୍ ଅନଗ୍ରସର ଥିବା ଛାତ୍ରଛାତ୍ରୀମାନେ ବେସର୍‌କାରୀ ସ୍କୁଲ୍ ମାନ୍‌କେ ମାହାଲିଆ ପାଠ୍ ପଢ଼୍‌ବାର୍ ଲାଗି ଲଟ୍‌ରୀ ଜରିଏ ୧ ହଜାର୍ ୫ ଶହ ୮୯ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଛେ । ଇ ଛାତ୍ରଛାତ୍ରୀମାନେ ଆଏବା ୩୧ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଛାତ୍ରଛାତ୍ରୀମାନେ ହେଲ୍ପ ଲାଇନ୍ ନମ୍ବର୍ ୧୮୦୦୩୪୫୬୭୨୨କେ ଯୋଗାଯୋଗ୍ କରିକରି ନାଁଲେଖା ବାବ୍‌ଦେ ପୁରା ତଥ୍ୟ ଜାନିପାର୍‌ବେ ବଲି କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ୩ ନମ୍ବର୍ ଖେପର୍ ଲାଗି ଇ ମାସର୍ ୨ ନୁ ୮ ତାରିଖ୍ ତକ୍ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ୍ ଜରିଏ ଆବେଦନ୍ ଆହ୍ୱାନ୍ କରାଯାଇଥିଲା । ଇଥି ମୋଟ୍ ୨ ହଜାର୍ ୩ ଶହ ୨ ଟା ଅନ୍‌ଲାଇନ୍ ଦର୍‌ଖାସ୍ତ ଆସିଥିଲା ।

ବନୀକରଣ- ଓଡ଼ିଶା ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ନ ୨୦ ହଜାର୍ ୭ ଶହ ୧୧ ହେକ୍ଟର୍ ବନୀକରଣ୍ ଲାଗି ୨୦୧୫- ୧୬ ବଛରନୁ ଏବ୍ତକ୍ ୭୫ କୋଟି ୭୮ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ ବଲି କେନ୍ଦ୍ର ପରିବେଶ, ଜଙ୍ଗଲ୍ ଆଉ ଜଲବାୟୁ ପରିବର୍ତନ୍ ମନ୍ତ୍ରଣାଲୟର୍ ବାର୍ଷିକ୍ ରିପୋର୍ଟନୁ ଜନାପଡ଼ିଛେ । ରିପୋର୍ଟ ଅନ୍ସାରେ ଓଡ଼ିଶା ସହେତେ ୧୮ ଟା ରାଜ୍ୟ ନ ଗଲା ୯ ବଛର୍ ଭିତ୍ରେ ୧ ଲାଖ୍ ୫୫ ହଜାର୍ ଶହେ ୩୦ ହେକ୍ଟର୍ ଜମିଥି ବନୀକରଣ୍ ଲାଗି ୮ ଶହ ୩୬ କୋଟି ୩୬ ଲାଖ୍ ଟଙ୍କା ଦିଆଯାଇଛେ ।

କମନ୍ ୟୁନିଭର୍ସିଟି ପ୍ରବେଶିକା ପରୀକ୍ଷା ଏନ୍ଏସ୍ଡି

ନେସ୍ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍ଟିଏ ତର୍ଫୁ ଆଏବା କାଏଲ୍ଠାନୁ ଇ ମାସର୍ ୧୮ ତାରିଖ୍ତକ୍ ଦେଶର୍ ଭିନ୍ ଭିନ୍ ଜାଗା ନ କମନ୍ ୟୁନିଭର୍ସିଟି ପ୍ରବେଶିକା ପରୀକ୍ଷା-୨୦୨୪ କରାଯିବା । ଦେଶର୍ ୩ ଶହ ୭୯ ଟା ସହର୍ ସହେତେ ବିଦେଶର୍ ୨୬ ଟା ସହରେ ଇ ପରୀକ୍ଷା ହେବା । ପରୀକ୍ଷା ଦେବାର୍କେ ଆବେଦନ୍ କରିଥିବାର୍ ଛାତ୍ରଛାତ୍ରୀମାନେ cuet-ugc@nta.ac.in ୱେବ୍ସାଇଟ୍ଥି ଆବେଦନ୍ ଫର୍ମର ନମ୍ବର୍ ଆର୍ ଜନ୍ମ ତାରିଖ୍ ଦେଇକରି ଏଡ୍ମିଟ୍ କାର୍ଡ଼ ଡାଉନ୍ଲୋଡ୍ କରିପାର୍ବେ ବଲି ଏନ୍ଟିଏ ସୂଚ୍ନା ଦେଇଛେ ।

ଭୋଟର୍- ବ୍ୟକ୍ତିଗତ ତଥ୍ୟ          ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ପହେଲା ଖେପ୍ ନିର୍ବାଚନ୍‌ଥି ଭୋଟର୍‌ମାନ୍‌କର୍ ଆଧାର୍‌କାର୍ଡ଼ର ଜେରକ୍ସ ଆର୍ ମୋବାଇଲ୍ ନମ୍ବର୍ ବାଗିର୍ ବ୍ୟକ୍ତିଗତ ପ୍ରମାଣପତ୍ର କେତେଝନ୍ ପ୍ରାର୍ଥୀଙ୍କର୍ ତର୍‌ଫୁ ନିଆଯାଇଥିବାର୍ ଜନାପଡ଼ିଛେ । ଇ ବାବ୍‌ଦେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଲୁକ୍‌କୁ କହିଛନ୍ ଯେ, ରାଏଜେ ମୁକ୍ତ, ଅବାଧ ଆର୍ ନିରପେକ୍ଷ ନିର୍ବାଚନ୍ କର୍‌ବାର୍ ଲାଗି ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ । ସେଥିର୍‌ଲାଗି ଏନ୍ତା କାମ୍‌ନୁ ଦୂରେଇ ରହେବାର୍ ଲାଗି ସେ ସବୁ ପ୍ରାର୍ଥୀମାନ୍‌କୁ ଅନୁରୋଧ୍ କରିଛନ୍ । ଇତାର୍‌ସହେତେ ନିଜର୍ ଆଧାର୍‌କାର୍ଡ଼ ଆର୍ ମୋବାଇଲ୍ ନମ୍ବର୍ ରାଜନୈତିକ୍ ଦଲ୍ ଆର୍ ପ୍ରାର୍ଥୀମାନ୍‌କୁ ନାଇଁ ଦେବାର୍ ଲାଗି ସେ ମତଦାତାମାନ୍‌କୁ ପରାମର୍ଶ ଦେଇଛନ୍ ।

ପୋଲିଂ ଅଧିକାରୀ ମୃତ- ସାହାଜ୍ ଘୋଷ୍‌ନା

ସୂଚନା ଲୋକସମ୍ପର୍କ ଅଧିକାରୀ

ନୂଆପଡ଼ା ଜିଲ୍ଲା ନ ନିର୍ବାଚନୀ କାମ୍‌ଥି ନିୟୋଜିତ ହେଇଥିବା ପୋଲିଂ ଅଧିକାରୀ ପ୍ରସନ୍ନ କୁମାର୍ ନାଏକ୍‌ଙ୍କର୍ ଗଲାକାଏଲ୍ ସଡ଼କ୍ ଦୁର୍ଘଟଣାଥି ଜୀବନ୍ ଯାଇଥିଲା । ଶ୍ରୀ ନାଏକ୍‌ଙ୍କର୍ ମୃତ୍ୟୁଥି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ

ଗଭୀର ଶୋକପ୍ରକାଶ୍ କର୍ବାର୍ ସହେତେ ଶୋକସନ୍ତପ୍ତ ପରିବାର୍କେ ସମବେଦନା ଜନେଇଛନ୍ । ଶ୍ରୀ ନାଏକଙ୍କର୍ ପରିବାର୍କେ ଆଇନ୍ ମୁତାବକ ସବୁ ପ୍ରକାର୍ ସାହାଜ୍ ଦେବାର୍ ସହେତେ ଭାରତ୍‌ର ମୁଖ୍ୟ ନିର୍ବାଚନ୍ ଆୟୋଗଙ୍କର୍ ଘୋଷ୍‌ନା ହିସାବେ ୧୫ ଲାଖ୍ ଟଙ୍କାର୍ ଅତିରିକ୍ତ ଅନୁକମ୍ପାମୂଲକ୍ ସାହାଜ୍ ଦିଆଯବା । ଇ ବାବ୍‌ଦେ ଜଲ୍‌ଦି ପଦକ୍ଷେପ୍ ନେବାର୍ ଲାଗି ନବରଙ୍ଗ୍‌ପୁର୍ ଜିଲ୍ଲାପାଲ୍‌ଙ୍କୁ ଶ୍ରୀ ଧଲ ନିର୍ଦ୍ଦେଶ୍ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀ ନାଏକ୍ ଭୋଟ୍ କାମ୍ ସର୍‌ଲା ଉତ୍‌ରୁ ଇଭିଏମ୍ ଆଉ ଭୋଟିଂ ସାମାନ୍ ଜମା କରିକରି ଘର୍‌କେ ଫିର୍‌ବାର୍ ସମିଆଥି ଦୁର୍ଘଟଣାଗ୍ରସ୍ତ ହେଇଥିଲେ ।

ସଚେତନତା ଅଭିଯାନ୍          ଆର୍‌ଏନ୍‌ୟୁ/ କଟକ୍

ସୂଚନା ଆଉ ପ୍ରସାରଣ ମନ୍ତ୍ରଣାଲୟ ଅଧୀନ୍‌ଥି ଥିବା କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ, କ୍ଷେତ୍ର କାର୍ଯ୍ୟାଲୟ, କେନ୍ଦୁଝର୍ ତର୍‌ଫୁ ରାଉର୍‌କେଲା ନ ଭୋଟର୍ ସଚେତନତା ଅଭିଯାନ୍ ଆଏଜ୍‌ଠାନୁ ମୁଲ୍ କରାଯାଇଛେ । ମହାନଗର୍ ନିଗମ୍ କାର୍ଯ୍ୟାଲୟ ପାଖର୍ ଫିଟ୍‌ନେସ୍ ପାର୍କ ନ ଇ କାର୍ଯ୍ୟକ୍ରମ୍ ହେଇଥିଲା । ସହରର୍ ବୁଦ୍ଧିଜୀବୀ ଆର୍ ସାଧାରଣ ଲୁକେ ଇଥି ଯୋଗ୍ ଦେଇଥିଲେ । ପାନ୍‌ପୋଷ ଉପ ଜିଲ୍ଲାପାଲ୍ ତଥା ରିଟର୍ଣ୍ଣିଂ ଅଧିକାରୀ ଆଉ ତହସିଲ୍‌ଦାର୍ ଇ

କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ନିର୍ବାଚନ୍ ବାବ୍ଦର୍ ତଥ୍ୟ ଉପ୍ରେ ଉପସ୍ଥିତ୍ ଲୁକ୍କୁ ସୂଚ୍ନା ଦେଇଥିଲେ । ଆଏବା କାଏଲ୍ ଛେଣ୍ଟର ଭିଏସ୍ଏସ୍ ମାର୍କେଟ୍ ନ ଇ ପ୍ରକାର୍ କାର୍ଯ୍ୟକ୍ରମ୍ ହେବା ବଲି ଜନାପଡ଼ିଛେ ।

## ନିର୍ବାଚନ୍ ପରିଚାଲନା ବୈଠକ୍- ଦେବ୍ଗଡ଼୍

ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ନ ହେବାର୍କେ ଥିବା ନିର୍ବାଚନ୍କେ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଆଉ ଶାନ୍ତିଶୃଙ୍ଖଲାର୍ ସହେତେ କର୍ବାର୍ ଲାଗି ଗଲାକାଏଲ୍ ଜିଲ୍ଲାପାଲ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ ତଥା ନିର୍ବାଚନ୍ ଅଧିକାରୀ ସୋମେଶ୍ କୁମାର୍ ଉପାଧ୍ୟାୟଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାର୍ ମୋଟ୍ ୩ ଶହ ୩୮ ଟା ବୁଥ୍ ନ ନିୟୋଜିତ ଥିବା ଅଧିକାରୀ ମାନ୍କୁ ନିର୍ବାଚନ୍ ସମିଆଥି ଜବର୍ ତାତିକେ ନଜର୍ଥି ରଖିକରି ବିଜ୍ଲି, ପିଇବାର୍ ପାଏନ୍, ଛଏଁରା ବାଗିର୍ ଦର୍କାରୀ ସୁବିଧା ଯୁଗେଇ ଦେବାର୍କେ ଜିଲ୍ଲାପାଲ୍ ପରାମର୍ଶ ଦେଇଥିଲେ । ସେନ୍ତା ଭିନ୍ନକ୍ଷମ ଭୋଟର୍ମାନ୍କର୍ ଲାଗି ଆନୁସଙ୍ଗିକ ବ୍ୟବସ୍ଥା ସହେତେ ୪୦ ଟା ସଖୀ ବୁଥ୍ ନ ନିୟୋଜିତ ଥିବା ମହିଳା ଅଧିକାରୀମାନ୍କର୍ ସୁବିଧା ଆର୍ ସୁରକ୍ଷା ଲାଗି ପୁଲିସ୍ ଅଧିକାରୀମାନ୍କୁ ମୁତୟନ୍ କରାଯାଇଛେ ।

## ରେଲ୍ ମନ୍ତ୍ରଣାଳୟ -ଭିତିଭୂମି ପ୍ରକଳ୍ପ ଆର୍ଏନ୍ୟୁ/ କଟକ୍

ରେଲ୍ ମନ୍ତ୍ରଣାଳୟ ତର୍ଫୁ ଭିତିଭୂମି ପ୍ରକଳ୍ପ ନିର୍ମାଣ୍ କାମ୍‌କେ ତ୍ୱରାନ୍ୱିତ୍ କର୍‌ବାର୍ ଲାଗି ଭିନ୍ ଭିନ୍ ରେଲ୍ ଜୋନ୍‌ର ମହାପ୍ରବନ୍ଧକ୍ ଆର୍ ଡିଭିଜନ୍‌ର ଡିଆର୍ଏମ୍ ମାନ୍‌କର୍ ଆର୍ଥିକ୍ କ୍ଷମତା ବଢ଼ାଯାଇଛେ । ଇନୁଇନ୍‌କେ ମହାପ୍ରବନ୍ଧକ୍‌ମାନେ ରି-ମୋଡେଲିଂ, ଟ୍ରାକ୍ ନବୀକରଣ୍, ସେତୁ ଆଉ ସୁଡ଼ଙ୍ଗ ତିଆରି ବାଗିର୍ କାମ୍ ଲାଗି ୫୦ କୋଟି ଟଙ୍କାତକ୍ ମଞ୍ଜୁରୀ ଦେଇପାର୍‌ବେ । ସେନ୍ତା ଡିଆର୍ଏମ୍‌ମାନେ ନିଜର୍ ଡିଭିଜନ୍ ଅଧିନ୍‌ଥି ଚାଲିଥିବା ଭିନ୍ ଭିନ୍ ପ୍ରକଳ୍ପ କାମ୍ ଲାଗି ୫ କୋଟି ଟଙ୍କାତକ୍ ଅର୍ଥ ମଞ୍ଜୁରୀ ଦେଇପାର୍‌ବେ ବଲି ରେଲ୍‌ମନ୍ତ୍ରଣାଳୟ ସୂତ୍ରନୁ ଜନାପଡ଼ିଛେ ।

## ଗ୍ରାମ ନ୍ୟାୟାଳୟ ସମୀକ୍ଷା ଆର୍ଏନ୍ୟୁ / ସମ୍ବଲପୁର

ଗ୍ରାମ ନ୍ୟାୟାଳୟ ଭିତିଭୂମି ଆର୍ କାର୍ଯ୍ୟକାରିତାକେ ନେଇକରି କେନ୍ଦ୍ର ଆଇନ୍ ଆଉ ନ୍ୟାୟ ମନ୍ତ୍ରଣାଳୟ ଆଏବା କାଏଲ୍ ଆଭାସୀ ଜରିଏ ଗୁଟେ ସମୀକ୍ଷା ବୈଠକ୍ କର୍‌ବେ । ଇ ବୈଠକ୍‌ଥି କେନ୍ଦ୍ର ଯୁଗ୍ମ ସଚିବ ଗୌରବ୍ ମଶାଲ୍‌ଦାନ୍ ଅଧକ୍ଷତା କର୍‌ବେ । ଇ ବାବ୍‌ଦେ ମନ୍ତ୍ରଣାଳୟ ତର୍ଫୁ ଓଡ଼ିଶାର୍ ଅନୁସଚିବ

ଗୌରବ୍ କୁମାର୍ ତ୍ରିପାଠୀଙ୍କର୍ ସହେତେ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଆଇନ୍ ଆଉ ବ୍ୟୟ ବିଭାଗ୍ ମୁଖ୍ୟ ମାନ୍‌କୁ ଚିଠି ଲେଖିକରି ଜନେଇ ଦିଆଯାଇଛେ । ଇ ସମୀକ୍ଷା ବୈଠକ୍‌ଥି ଗ୍ରାମ ନ୍ୟାୟାଳୟ ଥାପ୍‌ନା ଆର୍ ତାର୍ ପରିଚାଳନା ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଯୁଗେଇ ଦିଆଯାଉଥିବାର୍ ଅର୍ଥ ବ୍ୟବସ୍ଥାର୍ ସମୀକ୍ଷା ଶ୍ରୀ ମଶାଲ୍‌ଦାନ୍ କର୍‌ବେ ବଲି ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗ୍ରାମ ନ୍ୟାୟାଳୟ ଜରିଏ ଗାଁ ମାନ୍‌କେ ହେଉଥିବା ଅପରାଧୀକ୍ ମାମ୍‌ଲା, ଜମିଜମା ବିବାଦ୍ ମାମ୍‌ଲାର୍ ତୁର୍‌ତି ସମାଧାନ୍ ହେଇପାରୁଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୧୯ ତାରିଖ୍‌ତକ୍ ଦକ୍ଷିଣ ଆଣ୍ଡାମାନ୍ ସାଗର୍, ନିକୋବର୍ ଦ୍ୱୀପ ଆର୍ ଦକ୍ଷିଣପୂର୍ବ ବଙ୍ଗୋପ୍‌ସାଗର୍‌କେ ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ଛୁଇଁବା ବଲି ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।

ସେଆଡ଼େ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଏଜେ ଖରାତାତିନୁ ଟିକେ ନିସ୍ତାର୍ ମିଲିଥିବାର୍ ବେଲେ ଆଏଜ୍ ନୂଆପଡ଼ା ନ ସବୁନୁ ଜହ ତାତି ୪୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ବଲାଙ୍ଗିର୍, ସମ୍ବଲ୍‌ପୁର୍,

ସୁନ୍ଦର୍‌ଗଡ୍‌, ଝାର୍‌ସୁଗୁଡ଼ା ନ ତାତି ୪୦ ଡିଗ୍ରୀ ନୁ ଉପ୍‌ରେ ରହିଥିଲା ।